# କଟକ ସିଟି



# ଭିଣୋଇ ଟଙ୍କା ନ ଦେବାରୁ ଶାଳକକୁ ଅପହରଣ

## ବରଗଡ଼ରୁ ଅପହୃତ ଉଦ୍ଧାର; ୩ ଅଭିଯୁକ୍ତ ଗିରଫ

କଟକ,୨୯।୧୨(ସମିସ): ଭିଣୋଇ ଟଙ୍କା ଫେରସ୍ତ ନ କରିବାରୁ ତାଙ୍କ ଶାଳକକୁ ଅପହରଣ କରିନିଆଯାଇଥିଲା। ଏଭଳି ଏକ ଘଟଣା ମଧୁପାଟଣା ଥାନା ଅଞ୍ଚଳରେ ଘଟିଛି। ଏହି ଘଟଣାରେ ପୁଲିସ ବରଗଡ ଜିଲ୍ଲାରେ ଚଢ଼ଉ କରି ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହିତ ୩ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବଲାଙ୍ଗିର ଲୋଇସିଙ୍ଗାର ଦିବ୍ୟଲୋଚନ ବେହେରା(୪୮), ବନ୍ଧପଡ଼ାର ଅଜିତ ମିଶ୍ର(୩୫) ଓ ସୋନପୁର ଜିଲ୍ଲା ବୀରମହାରାଜପୁରର ଜମ୍ବେଶ୍ୱର ମିଶ୍ର(୩୬)। ଏମାନଙ୍କ ପାଖରୁ ୩ଟି ମୋବାଇଲ ଜବତ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ ଜଗତସିଂହପୁର ବିରିଡି ଥାନା ଉତ୍ତରଶାସନର ତପନ କୁମାର ଶତପଥୀ ଖପୁରିଆରେ ଥିବା ଓଏସଆଇସିରେ କାମ କରନ୍ତି। ଗତ ୨୬ ତାରିଖ ରାତିର ଘଟଣା। ତପନ ହଠାତ କେଉଁଆଡେ ନିଖୋଜ ହୋଇଗଲେ। ତାଙ୍କ ଫୋନ ବନ୍ଦ ହୋଇଗଲା। ଏହି ବିଷୟ ଜାଣିବା ପରେ ପରିବାର ଲୋକ ଖୋଜାଖୋଜି କଲେ। ଶେଷରେ ଘଟଣା ନେଇ ତାଙ୍କ ଭାଇ କେଶବ ଚନ୍ଦ୍ର ଶତପଥୀ ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର ଗୋଟିଏ ଦିନ ପରେ ହଠାତ ତପନଙ୍କ ଭିଣୋଇ ବୟାଳିଶି ମୌଜାରେ ରହୁଥିବା ଅକ୍ଷୟ କୁମାର ପତିଙ୍କ ପାଖକୁ ଏକ ଫୋନ୍ କଲ ଆସିଥିଲା। ଆମେ ତୁମ ଶାଳକ ତପନକୁ ଅପହରଣ କରିନେଇଛୁ। ତୁରନ୍ତ ୨ ଲକ୍ଷ ଟଙ୍କା ପଠାଇଲେ ତପନକୁ ଛାଡିବୁ ବୋଲି ଫୋନ୍ ଯୋଗେ କୁହାଯାଇଥିଲା। ଅକ୍ଷୟ ଏ ବାବଦରେ ମଧୁପାଟଣା ଥାନା ପୁଲିସକୁ ଖବର ଦେଇଥିଲେ। ଏହାପରେ ପୁଲିସ ଉକ୍ତ ନିଖୋଜ ମାମଲାକୁ ଏକ ଅପହରଣ ମାମଲା ଭାବେ ବଦଳାଇଥିଲା। ଏସିପି ଅଶୋକ କୁମାର ଗିରିଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ଏକ ଟିମ ଗଠନ କରିବା ସହ ଏସଆଇ ମୁଦୁରା ଯୁଧିଷ୍ଠିର, ଥାନାର ଦୁଇ କନଷ୍ଟେବଲ ଓ ସ୍ପେସାଲ ସ୍କ୍ୱାଡର ଦୁଇ କନଷ୍ଟେବଲଙ୍କୁ ନେଇ ତୁରନ୍ତ ବଲାଙ୍ଗିର ବାହାରିଥିଲେ। ଫୋନ ଆସିଥିବା ନମ୍ବର ଲୋକେସନ ବଲାଙ୍ଗିର ଦେଖାଉଥିଲା। ମାତ୍ର ସେଠାରେ ପହଞ୍ଚିଲା ବେଳକୁ ଲୋକେସନ ପରିବର୍ତ୍ତନ ହୋଇସାରିଥିଲା। ନୂତନ ଲୋକେସନ ବରଗଡ ଦେଖାଉଥିଲା। ପୁଲିସ ଟିମ ବରଗଡ ଯାଇ ଏକ ହୋଟେଲରେ ଚଢଉ କଲା ପରେ ସେଠାରୁ ତପନ କୁମାର ଶତପଥୀଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ହୋଟେଲ ରୁମରେ ଅପହରଣ କରି ରଖିଥିବା ଦିବ୍ୟଲୋଚନ, ଅଜିତ ଓ ଜମ୍ବେଶ୍ୱରକୁ ଗିରଫ କରାଯାଇଥିଲା। ଅପହୃତ ହେମନ୍ତ ଓ ତିନି ଅପହରଣକାରୀଙ୍କୁ ମଧୁପାଟଣା ଥାନାକୁ ଆଣି ପଚରାଉଚରା କରିବା ପରେ ଅପହରଣ ପଛର ରହସ୍ୟ ପର୍ଦ୍ଦାଫାସ ହୋଇଛି। ଅପହରଣ କରିଥିବା ତିନି ଯୁବକଙ୍କ ସହିତ ଅନ୍ୟ ବହୁ ଯୁବକ ଚାକିରି ଠକେଇର ଶିକାର ହୋଇଥିଲେ। ଅପହରଣ ହୋଇଥିବା ହେମନ୍ତ ଶତପଥୀଙ୍କ ଭିଣୋଇ ବୟାଳିଶମୌଜାର ଅକ୍ଷୟ କିଛି ମାସ ପୂର୍ବରୁ ଏକ ଖବରକାଗଜରେ ଚାକିରି ନେଇ ବିଜ୍ଞାପନ ଦେଇଥିଲେ। ଉକ୍ତ ବିଜ୍ଞାପନ ଦେଖି ପଶ୍ଚିମ ଓଡିଶାର ବହୁ ଯୁବକ ଆସି ଅକ୍ଷୟଙ୍କୁ ଭେଟିଥିଲେ। ଏହାପରେ ଅକ୍ଷୟ ଚାକିରି ଦେବା ବଦଳରେ ବହୁ ଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଏପରିକି ସରକାରୀ ଚାକିରି କରାଇଦେବ ବୋଲି ମଧ୍ୟ କହି ଟଙ୍କା ନେଇଥିଲେ। ହେଲେ ମାସ ପରେ ମାସ ଗଡିଲେ ମଧ୍ୟ ଚାକିରି ହୋଇ ପାରି ନ ଥିଲା। ତିନି ଯୁବକ ଦିବ୍ୟଲୋଚନ, ଅଜିତ ଓ ଜମ୍ବେଶ୍ୱର ଟଙ୍କା ଫେରସ୍ତ ପାଇବା ପାଇଁ ଅସଦ ଉପାୟ ଗ୍ରହଣ କରିଥିଲେ। କଟକ ଆସି ତିନି ଯୁବକ ଖୋଳତାଡ କରିବା ପରେ ଅକ୍ଷୟଙ୍କ ଶାଳକ ହେମନ୍ତ ବିଷୟରେ ଜାଣିଥିଲେ। ତାଳଦଣ୍ଡା ରାସ୍ତାରେ ଫେରୁଥିବା ବେଳେ ତାକୁ ଅପହରଣ କରି ନେଇଥିଲେ।

# ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ



କଟକ,୨୯।୧୨(ସମିସ): ରାଜ୍ୟର ସର୍ବ ପୁରାତନ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ଇତିମଧ୍ୟରେ ୧୧୩ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସରକାର ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇନାହାନ୍ତି। ଏହାର ପ୍ରତିବାଦରେ ଆଜି କଲେଜ ବାହାରେ ଧାରଣା ଦେଇଛନ୍ତି ଶୈଳବାଳା ଛାତ୍ରୀ।ଆଜି ସକାଳେ ଛାତ୍ରୀମାନେ ପ୍ରଥମେ କଲେଜ ପରିସରରେ ଥିବା ମଧୁବାବୁ ଓ ଶୈଳବାଳାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଧାରଣା ଦେଇଥିଲେ। ଏଥିସହ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଦିଆଯିବାକୁ ଥିବା ସ୍ମାରକପତ୍ରରେ କଲେଜର ଛାତ୍ରୀମାନେ ସ୍ୱାକ୍ଷର କରିବା ସହ ପୋଷ୍ଟକାର୍ଡ କ୍ୟାମ୍ପେନ୍‌ରେ ମଧ୍ୟ ଭାଗ ନେଇଥିଲେ।ସେହିପରି ସୋସିଆଲ୍ ମିଡିଆ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ମଧ୍ୟ ଶୈଳବାଳାର ପୁରାତନ ଛାତ୍ରୀଙ୍କୁ ଏହି ଆନ୍ଦୋଳନରେ ଯୋଡ଼ିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନରେ କଟକ ସହରର ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ପୂଜା କମିଟି ଓ ସର୍ବୋପରି ଅଧିବାସୀମାନେ ସହଯୋଗ କରିବାକୁ ଛାତ୍ରୀମାନେ ସୋସିଆଲ୍ ମିଡିଆରେ ଅପିଲ୍ କରିଥିଲେ। ଆନ୍ଦୋଳନକୁ ସମର୍ଥନ କରିବା ସହ ଆଗାମୀ ଦିନରେ ଛାତ୍ରୀଙ୍କ ସହ ଆନ୍ଦୋଳନ ଜାରି ରଖିବ ବୋଲି ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଧାରଣାରେ କଲେଜର ପ୍ରଭାତୀ ସେଠୀ, ସ୍ମିତାରାଣୀ ନାୟକ, ଜାହ୍ନବୀ ସ୍ୱାଇଁ, ସୌମ୍ୟା ସୁଲଗ୍ନା ପଣ୍ଡା, ସୁଚିତ୍ରା ସେଠୀ, ବୈଶାଖୀରାଣୀ ଦାସ, ଶୁଭଶ୍ରୀ ମହାଲିକ, ପ୍ରୀତିନନ୍ଦା ପାତ୍ର, ସୋନାଲି, ପ୍ରିୟଙ୍କା, ଇତିଶ୍ରୀ ପ୍ରଧାନ, ମଧୁସ୍ମିତା ପାତ୍ର, ଲଭଲି ପ୍ରିୟଦର୍ଶିନୀ ପହି, ନିରୁପମା ସାବର, ଜସ୍ମିନ ବିନ୍ଧାଣୀ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସନ୍ତୋଷ ମହାରଣା, ଜଗନ୍ନାଥ ମହାନ୍ତି, ପ୍ରଦେଶ କୁମାରୀ ମହାରଣା, ସୁଚିତ୍ରା ସେଠୀ, ବିଜୟିନୀ ମିଶ୍ର, ଅକ୍ଷୟ ଆଚାର୍ଯ୍ୟ, କବିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବିନାଶ ରାଜ୍ୟ ଛାତ୍ର ବିଜେଡି ଉପସଭାପତି




କଟକ,୨୯।୧୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଟାଣୁଆ ଛାତ୍ରନେତା ଅବିନାଶ ମହାନ୍ତି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ରୂପେ ମନୋନୀତ ହୋଇଛନ୍ତି। ଅବିନାଶ ପୂର୍ବରୁ ଛାତ୍ର ଜନତାର ରାଜ୍ୟ ସାଧାରଣ ସଂପାଦକ, କଳାହାଣ୍ଡି ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ନୂଆ-ଓ କାର୍ଯ୍ୟକ୍ରମର ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲ୍ଲା ସଂଯୋଜକ ରୂପେ ଦାୟିତ୍ୱ ନେଇ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ଅବିନାଶ ସାମାଜିକ ସଂଗଠନ ବିଡାନାସୀ ଯୁବଶକ୍ତିର ପ୍ରତିଷ୍ଠାତା ସଭାପତି ଅଛନ୍ତି। ଏହି ନୂତନ ଦାୟିତ୍ୱ ପାଇଁ ସେ ଦଳର ସଭାପତି ନବୀନ ପଟ୍ଟନାୟକ ଏବଂ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୩ରୁ ରାଜ୍ୟ ରୋଇଂ ଦଳର ଚୟନ ଶିବିର

କଟକ,୨୯।୧୨(ସମିସ): ଜାନୁଆରୀ ୨୭ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ପୁଣେରେ ୪୩ତମ ଜାତୀୟ ରୋଇଂ ଚାମ୍ପିଅନସିପ୍ ଖେଳାଯିବ।ଆର୍ମି ରୋଇଂ ନୋଡ୍ ଏବଂ ରୋଇଂ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବ। ଏଥି ନିମନ୍ତେ ଓଡ଼ିଶା ଆସୋସିଏସନ ଫର ରୋଇଂ ଆଣ୍ଡ ସ୍କଲିଂ ପକ୍ଷରୁ ଆସନ୍ତା ୩ ଏବଂ ୪ ତାରିଖ ଦୁଇଦିନ ଧରି ରାଜ୍ୟ ଦଳର ଚୟନ ଶିବିର ଆୟୋଜନ କରାଯିବ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ହେବାକୁ ଥିବା ଚୟନ ଶିବିରରେ ଯେ କୌଣସି ଇଚ୍ଛୁକ ପ୍ରତିଯୋଗୀ ଭାଗ ନେଇ ପାରିବେ। ପୂର୍ବାହ୍ନ ୬ଟା ପୂର୍ବରୁ ଖେଳାଳି ଶିବିରରେ ପହଞ୍ଚିବା ନିମନ୍ତେ ରାଜ୍ୟ ସଂଘ ସଭାପତି ବିନୋଦ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଶିଶୁଭବନରେ ଆରଡିସିଙ୍କ ସମୀକ୍ଷା



କଟକ,୨୯।୧୨(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଭବନରେ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଭିତ୍ତିଭୂମିର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାହୀ କମିଟି ବୈଠକରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସୁବିଧା ପାଇଁ କେତେକ ପ୍ରମୁଖ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷ କରି ଚିକିତ୍ସାଳୟ ପରିସରରେ ଏକ ନୂତନ ଓମଫେଡ୍ ପାର୍ଲର ଖୋଲିବା ସହ ଆମ୍ବୁଲାନ୍ସ ସେବାକୁ ଅଧିକ ତ୍ୱରାନ୍ୱିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଶିଶୁଭବନ ପରିସରରେ ଏକ ସ୍ୱତନ୍ତ୍ର ରୋଷେଇଶାଳା ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଶିଶୁ ରୋଗୀମାନଙ୍କୁ ସେମାନଙ୍କ ଡାଏଟ୍ ଚାର୍ଟ ମୁତାବକ ସତେଜ ଓ ସ୍ୱାସ୍ଥ୍ୟକର ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ଏହି ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଆୟୁକ୍ତ ଶିଶୁଭବନ ଅଧିକ୍ଷକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ତୃତୀୟ ଓଡ଼ିଶା ନୌସେନା ଏନ୍‌ସିସିର ତାଲିମ ଶିବିର




କଟକ,୨୯।୧୨(ସମିସ): କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କଟକର ଏନସିସି ଗୋଷ୍ଠୀ ମୁଖ୍ୟାଳୟର ବାର୍ଷିକ ତାଲିମ ଶିବିର ୨୨ ଡିସେମ୍ବର ୨୦୨୫ରୁ ରୟାଲ ପବ୍ଲିକ୍ ସ୍କୁଲ୍ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି। ଏହି ଶିବିରରେ ୩୦ଟି ସ୍କୁଲ ଏବଂ କଲେଜର ପ୍ରାୟ ୫୦୦ କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷଣ ସମୟରେ ଗୁଳିଚାଳନା, ଡ୍ରିଲ୍, ସିମ୍ୟାନସିପ୍, ବୋଟ ରିଗିଂ, ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଏବଂ ନୌସେନା ଯୋଗାଯୋଗ ଉପରେ ତାଲିମ ପ୍ରଦାନ କରାଯାଉଛି। ଏହା ବ୍ୟତୀତ, କ୍ୟାଡେଟମାନେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମହିଳା ସଶକ୍ତିକରଣ, ପୁନୀତ ସାଗର ଅଭିଯାନ, ସ୍ୱଚ୍ଛତା ଏବଂ ବୃକ୍ଷରୋପଣ ଅଭିଯାନ ଭଳି ବିଭିନ୍ନ ସାମାଜିକ ସଚେତନତା ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି। ରୟାଲ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ବିଷ୍ଣୁମୋହନ ମହାନ୍ତି ମୁଖ୍ୟଅତିଥି ଭାବେ ଶିବିର ପରିଦର୍ଶନ କରିଛନ୍ତି। ତାଙ୍କ ଗ୍ରସ୍ତ ସମୟରେ, କ୍ୟାଡେଟ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ଓଡ଼ିଆ ସିନେ ଜଗତର ନିର୍ଦ୍ଦେଶକ, କଳାକାର ଏବଂ ଗାୟକମାନେ କ୍ୟାଡେଟମାନଙ୍କ ମନୋବଳକୁ ବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ପତ୍ନୀ ବିୟୋଗ



କଟକ,୨୯।୧୨(ସମିସ): ଭଜନ ସମ୍ରାଟ ଭିକାରୀ ବଳଙ୍କ ସହଧର୍ମିଣୀ ଉଷାରାଣୀ ବଳଙ୍କର ସୋମବାର ସନ୍ଧ୍ୟା ୭ଟା ୪୦ ମିନିଟ୍‌ରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଗତ ନଭେମ୍ବର ୨ ତାରିଖରେ ଭିକାରୀ ବଳଙ୍କ ପୁଣ୍ୟତିଥି ଅବସରରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କିଛିଦିନ ଆଇସିୟୁରେ ରହି ସୁସ୍ଥ ହୋଇ ଘରକୁ ଫେରିଥିଲେ ମଧ୍ୟ ପୁନର୍ବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ଅଶୋକ ବଳ ଓ ଅମୀୟ ବଳ, ପୁତ୍ରବଧୂ ଶୁଭଶ୍ରୀ ଓ କାମିନୀ, ଜ୍ୱାଇଁ ଡ. ସୁନାମଣି ରାଉତ, ନାତି ଡାକ୍ତର ଶୁଭମ୍ ରାଉତ ଓ ସ୍ୱାଗତ ରାଉତଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସଙ୍ଗୀତ ଜଗତ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି।

## ଡିଏଭି ପବ୍ଲିକ ସ୍କୁଲ ୨୦୦୧ ବ୍ୟାଚ୍ ବନ୍ଧୁମିଳନ



କଟକ,୨୯।୧୨(ସମିସ): ସ୍ମୃତିର ସହର କଟକର ପ୍ରମୋଦ ହୋଟେଲ ପରିସରରେ ବିଡାନାସୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୨୦୦୧ ମସିହା ମ୍ୟାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ସ୍ୱତନ୍ତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦୀର୍ଘ ୨୪ ବର୍ଷର ବ୍ୟବଧାନ ପରେ ବିଦ୍ୟାଳୟ ଜୀବନର ସେହି ପୁରୁଣା ସ୍ମୃତିକୁ ପୁଣିଥରେ ସତେଜ କରିବା ପାଇଁ ଅନେକ ବନ୍ଧୁ ଏକତ୍ରିତ ହୋଇଥିଲେ।ଇଂ. ସମରେନ୍ଦ୍ର ପ୍ରତାପ ସ୍ୱାଇଁ, ମୋନାଲିସା ଜେନା, ଆକାଶ ପଟ୍ଟନାୟକ, ଶ୍ୟାମା ଦାସ, ଇଂ. ସନ୍ଦୀପ ମିଶ୍ର, ସାଗରିକା ପଣ୍ଡା, ଶିବ ଶଙ୍କର ଦାସ, ପ୍ରେରଣା ମହାନ୍ତି, ଅମ୍ରିତ ଦାସ ଏବଂ ଇତିଶ୍ରୀ ପାଣିଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଉତ୍ସବ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା।

## ନଗର କଂଗ୍ରେସ ପକ୍ଷରୁ ରାଣୀହାଟ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ



କଟକ,୨୯ ।୧୨(ସମିସ): ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ଜମା ରାଶି ପ୍ରତ୍ୟାହାର ଦାବିରେ ଆଜି କଟକ ନଗର କଂଗ୍ରେସ ପକ୍ଷରୁ ରାଣୀହାଟ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଦ୍ୟୁତ ବିଲ୍‌ରେ ଅତିରିକ୍ତ ଜମା ରାଶି ଯୋଡ଼ି ସାଧାରଣ ଖାଉଟିଙ୍କୁ ହଇରାଣ କରାଯାଉଛି। ଯଦି ତୁରନ୍ତ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନ ଯାଏ, ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, ଜେ କମେଶ୍ୱର ରାଓ, ଶୁବାଶିଷ ପଟ୍ଟନାୟକ ଓ ସ୍ୱର୍ଣ୍ଣପ୍ରଭା ପଶାୟତ, କଂଗ୍ରେସ ନେତା କେଦାର ପୃଷ୍ଟି, ସ୍ନେହଲତା ଚୌଧୁରୀ, ଅଜିତ ବେହେରା, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା



କଟକ,୨୯ ।୧୨(ସମିସ): ରବିବାର ପୂର୍ବାହ୍ନରେ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ରଘୁନାଥ ଦାସ (ଜଟାୟୁ) କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ଗାୟତ୍ରୀ ଦେବୀ, ମୀରା ବେଉରା ଓ ଗୀତାଞ୍ଜଳି ପୃଷ୍ଟି ସହଯୋଗ କରିଥିଲେ। ମୁରଲୀଧର ସାମଲ, ପ୍ରତିମା ଶତପଥୀ, ମନୋରଞ୍ଜନ ମିଶ୍ର ଓ ଅଦ୍ୱୈତ ନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଶିଷ୍ଟ ପ୍ରଗତିବାଦୀ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତି ଉତ୍ସବ ଅବସରରେ ଏହି ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ର ବା ଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ଉତ୍କଳ ସାହିତ୍ୟ ସମାଜ କର୍ତ୍ତୃପକ୍ଷ ଜଣାଇଛନ୍ତି।

## ଆସୁଛି ନୂଆ ବର୍ଷ

## ଏବେ ବି ଉପହାର ପାଇଁ ଖୋଜାପଡୁଛି ଡାଏରୀ

କଟକ,୨୯ ।୧୨(ସମିସ): ଆଉ ଦୁଇ ଦିନ ପରେ ନୂତନ ବର୍ଷ-୨୦୨୬ପଦାର୍ପଣ କରିବାକୁ ବସିଥିବା ବେଳେ ବଜାରରେ ଏବେ ଡାଏରୀ ଓ କ୍ୟାଲେଣ୍ଡର ପସରା ଜମିଲାଣି। ନୂଆ ବର୍ଷ ଆସିଲେ କ୍ୟାଲେଣ୍ଡର ଓ ଡାଏରୀ ଖୋଜାପଡିଥାଏ। ନୂଆବର୍ଷ ପାଇଁ ଉପହାରର ଏକ ପ୍ରମୁଖ ମାଧ୍ୟମ ହୋଇଛି ଡାଏରୀ।

### ଅନ୍‌ଲାଇନ୍‌ରେ ମିଳୁଛି ସରକାରୀ ଡାଏରୀ

ଏବେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ ଓ ଇଣ୍ଟରନେଟର ବହୁଳ ବ୍ୟବହାର ସମୟରେ ନୂଆବର୍ଷ ଡାଏରୀର ଚାହିଦା ରହିଛି। ଅବଶ୍ୟ ପୂର୍ବରୁ ଡାଏରୀ ଲେଖୁଥିବା ଲୋକଙ୍କ ସଂଖ୍ୟା କମିଥିବା ସତ୍ତ୍ୱେ ଉପହାର ଦେବା ପାଇଁ ଲୋକେ ଡାଏରୀ କିଣୁଛନ୍ତି। କଟକ ସହରରେ ପ୍ରାୟ ୧୦୦ରୁ ଅଧିକ ଛୋଟ ବଡ ଡାଏରୀ ବିକ୍ରି ପ୍ରତିଷ୍ଠାନ ରହିଛି ।କିନ୍ତୁ ଡିସେମ୍ବର ତୃତୀୟ ସପ୍ତାହ ବେଳକୁ



ବିକ୍ରି ପ୍ରାୟ ୫୦ପ୍ରତିଶତରୁ ଅଧିକ ହୋଇଯାଇଥାଏ। ବାକି ୫୦ପ୍ରତିଶତ ଦୁଇ ଚାରି ଦିନ ମଧ୍ୟରେ ହୋଇଥାଏ। ଏଥର ଡାଏରୀ ମୂଲ୍ୟରେ ବୃଦ୍ଧି ଘଟିନାହିଁ ବୋଲି କୁହନ୍ତି ବ୍ୟବସାୟୀ। ସରକାରୀ ଛାପାଖାନା ପକ୍ଷରୁ ଡାଏରୀ, କ୍ୟାଲେଣ୍ଡର ବିକ୍ରି ଆରମ୍ଭ ହୋଇଛି। ଉଭୟ ଅନଲାଇନ ଓ ଅଫଲାଇନରେ ବିକ୍ରି କରାଯାଉଛି। ବୟନିକା ଓ ସରକାରୀ ଛାପାଖାନା ୱେବସାଇଟକୁ ଯାଇ ଗ୍ରାହକ ମାନେ କିଣିପାରିବେ ବୋଲି କୁହାଯାଇଛି।ଡାଏରୀ ଓ କ୍ୟାଲେଣ୍ଡର ମୂଲ୍ୟ ୩୯୪ଟଙ୍କା ଧାର୍ଯ୍ୟ କରାଯାଇଛି। ଛାପାଖାନା ପକ୍ଷରୁ ପ୍ରାୟ ୫୦ହଜାରରୁ ଅଧିକ ଡାଏରୀ ଓ ୩ଲକ୍ଷରୁ ଅଧିକ କ୍ୟାଲେଣ୍ଡର ବିକ୍ରି ପାଇଁ ଉପଲବ୍ଧ ହୋଇଛି। ଇଲେକ୍ଟ୍ରୋନିକ ଯୁଗରେ ବି ଏହାର କିଛି ନିର୍ଦ୍ଦିଷ୍ଟ ଗ୍ରାହକ ରହିଛନ୍ତି। ଅନଲାଇନରେ ମଧ୍ୟ ବିଭିନ୍ନ ସଂସ୍ଥା ଡାଏରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଆକଳନ ଅନୁସାରେ ପ୍ରତିବର୍ଷ ହାରାହାରି ୧ଲକ୍ଷରୁ ଅଧିକ ଡାଏରୀ ବିକ୍ରି ହୋଇଥାଏ।ଡାଏରୀର ମୂଲ୍ୟ ୧୫୦ଟଙ୍କାରୁ ଆରମ୍ଭ ହୋଇ ୭୦୦ଟଙ୍କା ପର୍ଯ୍ୟନ୍ତ ରହିଛି।କଲେଜଛକ, ଦୋଳମୁଣ୍ଡାଇ, ବାଦାମବାଡି, ବକ୍ସିବଜାର, ମଙ୍ଗଳାବାଗ,ଚଣ୍ଡିଛକ ଆଦି ପ୍ରମୁଖ ଅଞ୍ଚଳରେ ଏହି ପସରା ଖୋଲିଛି। ଦୋକାନ ମାନଙ୍କରେ ପୂର୍ବାପେକ୍ଷା ଏଥର ବିକ୍ରି ବଢିବା ନେଇ ଆଶା ରଖିଛନ୍ତି ବ୍ୟବସାୟୀ।

